ପ୍ରମେୟ
THE PRAMEYA

07th June, 2019

# ପରିବେଶ ଦିବସରେ ଆଇଆଇଟିରେ ଲାଗିଲା ବିଭିନ୍ନ ଗଛ

ଭୁବନେଶ୍ୱର, ୬।୬(ବ୍ୟୁରୋ): ବିଶ୍ୱ ପରିବେଶ ଦିବସରେ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍. ଭି ରାଜା କୁମାର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ଓ କର୍ମକର୍ତ୍ତାମାନେ ଶିକ୍ଷାନୁଷ୍ଠାନ ପରିସର ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ । ଏସମ୍ପର୍କରେ ପ୍ରଫେସର ରାଜା କୁମାର କହିଛନ୍ତି, କ୍ୟାମ୍ପସ୍‌କୁ ଗ୍ରୀନ୍ କରିବା ପାଇଁ ଅଭିଯାନ ଆରମ୍ଭ କରିଛୁ । ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଭି. ଆର୍ ପେଡିରେଡ୍ଡି, କୁଳସଚିବ ଡ. ସୁବୋଧ କୁମାର ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ କରିଥିଲେ ।